# NATIONAL NEWS BULLETIN (ODIA)

## 13 December - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜରେ ଆଜି ୭ ହଜାର କୋଟି ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ଲୋକସଭାରେ ଆରମ୍ଭ ହେବ ଦୁଇ ଦିନିଆ ବିତର୍କ ।
- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ପଞ୍ଚଦଶ ଭାରତ-ୟୁ.ଏ.ଇ. ଯୁଗ୍ମ ଆୟୋଗ ବୈଠକ ।
- ତୋଷଖାନା ଘଟଣାର ଆଉ ଏକ ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଓ ତାଙ୍କ ପତ୍ନୀ ଦୋଷୀ ସାବ୍ୟସ୍ତ ।

ଏବଂ

- ମହିଳା ଜୁନିୟର୍ ଏସିଆକପ୍ ହକିରେ ୯-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରି ସେମିଫାଇନାଲ୍‌ରେ ଭାରତ ।

# ପିଏମ୍‌-ପ୍ରୟାଗରାଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରୟାଗରାଜରେ ୭ ହଜାର କୋଟି ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଆସନ୍ତା ବର୍ଷ ପ୍ରୟାଗରାଜରେ ହେବାକୁ ଥିବା ମହାକୁମ୍ଭ ମେଳା ପୂର୍ବରୁ ଏହି ପ୍ରକଳ୍ପ ଗୁଡ଼ିକ ଉଦ୍‌ଘାଟନ ହେବ । ଏଥିରେ ଗମନାଗମନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୧୦ଟି ନୂଆ ସଡ଼କପଥ, ଓଭର ବ୍ରିଜ୍ ଏବଂ ଫ୍ଲାଏଓଭର୍ ରହିଛି । ଏହା ବ୍ୟତୀତ ଗଙ୍ଗାନଦୀରେ ପ୍ରବାହିତ ହେଉଥିବା ନର୍ଦ୍ଦମା ଜଳ ପ୍ରବାହ ରୋକିବା ଲାଗି ପ୍ରକଳ୍ପ ଗୁଡ଼ିକ ମଧ୍ୟ ଶ୍ରୀ ମୋଦୀ ଉଦ୍‌ଘାଟନ କରିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣ ୧୨ଟା ୧୫ ମିନିଟ୍‌ରେ ପ୍ରୟାଗରାଜରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଂଗମ ସ୍ଥଳ ପବିତ୍ର ସଂଗମରେ ଆନୁଷ୍ଠାନିକ ପୂଜା ଓ ଦର୍ଶନ ସହ ଶ୍ରୀ ମୋଦୀଙ୍କ ଗସ୍ତ ଆରମ୍ଭ ହେବ । ପରେ ଶ୍ରୀ ମୋଦୀ ଐତିହାସିକ ଅକ୍ଷୟ ବଟବୃକ୍ଷରେ ପୂଜାର୍ଚ୍ଚନା କରିବା ପରେ ହନୁମାନ ମନ୍ଦିର ଓ ସରସ୍ୱତୀ କୂପରେ ଧାର୍ମିକ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବେ । ପ୍ରଧାନମନ୍ତ୍ରୀ ମହାକୁମ୍ଭ ପ୍ରଦର୍ଶନୀ ସ୍ଥଳ ପରିଦର୍ଶନ କରିବା ସହ ଆସନ୍ତା ବର୍ଷ ଜାନୁଆରୀ ୧୩ରୁ ଫେବୃୟାରୀ ୨୬ ପର୍ଯ୍ୟନ୍ତ ହେବାକୁ ଥିବା କୁମ୍ଭମେଳା ପାଇଁ ପ୍ରସ୍ତୁତି କାର୍ଯ୍ୟର ପରିଦର୍ଶନ କରିବେ ।

ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ପର୍ଯ୍ୟଟକଙ୍କୁ ସହାୟତା କରିବା ଲାଗି ସହାୟକ ଚାଟ୍‌ବଟ୍‌ର ଶୁଭାରମ୍ଭ କରିବେ ।

# ଲୋକସଭା-କନ୍‌ଷ୍ଟିଚ୍ୟୁସନ୍

ଲୋକସଭାରେ ଆଜିଠାରୁ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଅବସରରେ ଦୁଇ ଦିନିଆ ବିତର୍କ ଆରମ୍ଭ ହେବ । ଲୋକସଭାର ତାଲିକାଭୁକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଭାରତୀୟ ସମ୍ବିଧାନ ଗ୍ରହଣର ୭୫ତମ ବାର୍ଷିକୀ ଅବସରରେ ପ୍ରଶ୍ନକାଳ ପରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହେବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲୋକସଭାରେ ଏହି ବିଷୟ ଉପରେ ବିତର୍କ ଆରମ୍ଭ କରିବେ । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଲୋକସଭାରେ ଦୁଇ ଦିନିଆ ବିତର୍କର ଉତ୍ତର ରଖିବେ ।

ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ବିତର୍କ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବୈଠକ କରିଥିଲେ । ବୈଠକରେ ରାଜନାଥ ସିଂହ, ଅମିତ ଶାହା ଏବଂ ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ଶ୍ରୀ ଶାହା ସଂସଦରେ ତାଙ୍କ କାର୍ଯ୍ୟାଳୟରେ ଶ୍ରୀ ନଡ୍ଡା, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ୍, ସଂସଦୀୟ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ଓ ଅନ୍ୟ ବରିଷ୍ଠ ମନ୍ତ୍ରୀମାନଙ୍କ ସହ ବୈଠକ କରିଥିଲେ ।

ଡିସେମ୍ବର ୧୬ ଏବଂ ୧୭ ତାରିଖରେ ରାଜ୍ୟସଭାରେ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବିତର୍କ ହେବ । ୧୭ ତାରିଖ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଜ୍ୟସଭାରେ ବିତର୍କର ଉତ୍ତର

ରଖିବେ । ସଂସଦର ଜାରି ରହିଥିବା ଶୀତକାଳୀନ ଅଧିବେଶନରେ ଏହି ବିଷୟରେ ବିତର୍କ ପାଇଁ ବିରୋଧି ଦଳ ଗୁଡ଼ିକ ଦାବି କରିଥିଲେ । ବିରୋଧି ଦଳ ଗୁଡ଼ିକ ସହ ହୋଇଥିବା ବୁଝାମଣା ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ବିତର୍କ ପାଇଁ ରାଜି ହୋଇଥିଲେ ।

ସୂଚନା ଯୋଗ୍ୟ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତୀୟ ସମ୍ବିଧାନ ସଭା ବିଧିବଦ୍ଧ ଭାବେ ସମ୍ବିଧାନକୁ ଗ୍ରହଣ କରିଥିଲା । ଏହା ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ କାର୍ଯ୍ୟକାରୀ ହୋଇଥିଲା । ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ମାନ୍ୟତା ପାଇଥିଲା । ୧୯୪୯ ମସିହାରେ ଭାରତୀୟ ସମ୍ବିଧାନ ଗ୍ରହଣକୁ ସମ୍ମାନ ଜଣାଇ ୨୦୧୫ ମସିହାରେ ମୋଦୀଙ୍କ ନେତୃତ୍ୱାଧୀନ ସରକାର ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବେ ଘୋଷଣା କରିଥିଲେ ।

## କଂଗ୍ରେସ ଦିଲ୍ଲୀ ଫାଟ୍ ଲିଷ୍ଟ

ଦିଲ୍ଲୀ ବିଧାନସଭା ନିର୍ବାଚନ ନିମନ୍ତେ କଂଗ୍ରେସ ୨୧ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିଛି । ଦଳର ଦିଲ୍ଲୀ ଅଧ୍ୟକ୍ଷ ଦେବେନ୍ଦ୍ର ଯାଦବ ବାଦଲି ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ଥିବା ବେଳେ ନୂଆଦିଲ୍ଲୀ ଆସନରୁ ସନ୍ଦୀପ ଦୀକ୍ଷିତ, ବାଲିମାରନ୍ ଆସନରୁ ହାରୁନ୍ ୟୁସୁଫ୍,

ଓ୍ୱାଜିପୁରରୁ ରାଗିଣୀ ନାୟକ, ସିଲମ୍‌ପୁରର ଅବଦୁଲ୍ଲ ରେହେମାନ ଏବଂ ସଦର ବଜାର ଆସନରୁ ଅନୀଲ ଭରଦ୍ୱାଜ ପ୍ରାର୍ଥୀ ହୋଇଛନ୍ତି ।

## ଇଣ୍ଡିଆନ୍ ଲାଇଟ୍ ଟ୍ୟାଙ୍କ୍

ଭାରତୀୟ ଲାଇଟ୍ ଟ୍ୟାଙ୍କ୍ ୪ହଜାର ୨୦୦ ମିଟରରୁ ଅଧିକ ଉଚ୍ଚତାରେ ବିଭିନ୍ନ ରେଞ୍ଜରେ ସଠିକ୍ ଭାବେ ଗୁଳି ଚାଳନା କରି ମାଇଲ୍ ଖୁଣ୍ଟ ହାସଲ କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୫ ଟନ୍ ଓଜନର ଏହି ଲାଇଟ୍ ଟ୍ୟାଙ୍କ୍ ଅଧିକ ଉଚ୍ଚତାରେ ସଶସ୍ତ୍ର ବାହିନୀର ଆବଶ୍ୟକତା ପୂରଣ କରିବା ଲାଗି ଡିଜାଇନ୍ କରାଯାଇଛି । ଡି.ଆର୍.ଡି.ଓ. ଏବଂ ଚେନ୍ନାଇ ସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଦ୍ୱାରା ଏହି ଲାଇଟ୍ ଟ୍ୟାଙ୍କ୍‌ର ଡିଜାଇନ୍ ଏବଂ ବିକାଶ କରାଯାଇଛି ।

ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଦ୍ୱାରା ଲାଇଟ୍ ଲ୍ୟାଙ୍କ୍‌ର ଏୟାର୍ ଲିଫ୍ଟ କ୍ଷମତା ପ୍ରଦର୍ଶନ କରାଯାଇଛି । ସଡ଼କ କିମ୍ବା ରେଳ ମାଧ୍ୟମରେ ଏହାକୁ ତ୍ୱରିତ ନିୟୋଜନ କରିବା କ୍ଷେତ୍ରରେ ସହାୟକ ହେବ ବୋଲି କୁହାଯାଇଛି । ମନ୍ତ୍ରଣାଳୟ କହିଛି, ଏହାକୁ ସମ୍ପୂର୍ଣ୍ଣ ଭାବେ ସେନାରେ ସାମିଲ କରିବା ପୂର୍ବରୁ ଆହୁରି ଦୁଇ ପର୍ଯ୍ୟାୟ ପରୀକ୍ଷଣ କରାଯିବ ।

# ଇଣ୍ଡିଆ-ୟୁଏଇ ମିଟିଂ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ୟୁ.ଏ.ଇ. ପ୍ରତିପକ୍ଷ ଶେଖ୍ ଅବଦୁଲ୍ଲା ବିନ୍ ଜାୟଦ୍ ବିନ୍ ସୁଲତାନ୍ ଅଲ୍ ନ୍ୟାହ୍ୟାନ୍ ଆଜି ପଞ୍ଚଦଶ ଭାରତ-ୟୁ.ଏ.ଇ. ଯୁଗ୍ମ ଆୟୋଗ ବୈଠକରେ ସହ-ଅଧ୍ୟକ୍ଷତା କରିବେ ।

ଉଭୟ ନେତା ଗତକାଲି ନୂଆଦିଲ୍ଲୀରେ ଚତୁର୍ଥ ଭାରତ-ୟୁ.ଏ.ଇ. ରଣନୈତିକ ଆଲୋଚନାରେ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ରଣନୈତିକ ଆଲୋଚନା ହେଉଛି ଏଭଳି ଏକ ପ୍ରଭାବଶାଳୀ ମଞ୍ଚ ଯାହା ବାସ୍ତବ ମାର୍ଗଦର୍ଶନ କ୍ଷେତ୍ରରେ ସହାୟକ ହୋଇଥାଏ । ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଏହି ଆଲୋଚନା ସଫଳ ହୋଇଛି । ଭାରତ-ୟୁ.ଏ.ଇ. ପଞ୍ଚଦଶ ଯୁଗ୍ମ ଆୟୋଗ ବୈଠକରେ ଅଂଶଗ୍ରହଣ କରିବା ଲାଗି ବୁଧବାର ରାତିରେ ୟୁ.ଏ.ଇ.ର ଉପ-ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।

ୟୁ.ଏ.ଇ.ର ନେତାଙ୍କୁ ସ୍ୱାଗତ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧିର ଜୟସ୍ୱାଲ କହିଛନ୍ତି, ଏହି ଗସ୍ତ ଭାରତ

ଏବଂ ୟୁ.ଏ.ଇ. ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବ ।

ଭାରତ ଓ ୟୁ.ଏ.ଇ. ମଧ୍ୟରେ ବହୁବର୍ଷ ଧରି ଉତ୍ତମ ବାଣିଜ୍ୟିକ ସମ୍ପର୍କ ରହିଛି । ୨୦୨୨-୨୩ରେ ୟୁ.ଏ.ଇ. ଭାରତ ପାଇଁ ଚତୁର୍ଥ ବୃହତମ ବୈଦେଶିକ ପୁଞ୍ଜିନିବେଶକ ଥିଲା । ପରେ ୟୁ.ଏ.ଇ. ଭାରତର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ୭୫ ବିଲିୟନ୍ ଡଲାର୍ ନିବେଶ ଲାଗି ପ୍ରତିଶ୍ରୁତି ଦେଇଛି ।

ସୂଚନା ଅନୁଯାୟୀ ପଶ୍ଚିମ ଏସୀୟ ରାଷ୍ଟ୍ର ଗୁଡ଼ିକରେ ୩ ଦଶମିକ୍ ୫ ନିୟୁତରୁ ଅଧିକ ଭାରତୀୟ ଅଛନ୍ତି । ଏହାଛଡ଼ା ସେହିସବୁ ଅଞ୍ଚଳ ଗୁଡ଼ିକରେ ଭାରତୀୟ ସିନେମା, ଟିଭି ଓ ରେଡିଓ ଚ୍ୟାନେଲ୍ ଗୁଡ଼ିକ ସହଜରେ ଉପଲବ୍ଧ ହେବା ସହ ଲୋକପ୍ରିୟତା ହାସଲ କରିଛି ।

## ଇମ୍ରାନ୍ ଖାଁ-ଇଣ୍ଡିକ୍‌ଟେଡ୍

ତୋଷ ଖାନା ମାମଲାରେ ପାକିସ୍ତାନର ଏକ କୋର୍ଟ୍ ସେଠାକାର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଏବଂ ତାଙ୍କ ପତ୍ନୀ ବୁସରା ବିବିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

ପାକିସ୍ତାନର ନ୍ୟାସନାଲ୍ ଆକାଉଣ୍ଟାବିଲିଟି ବ୍ୟୁରୋର ଅଭିଯୋଗ ଅନୁଯାୟୀ ୨୦୨୧ ମସିହା ମେ ମାସରେ ସାଉଦି ରାଜପରିବାର ଇମ୍ରାନ୍ ଖାଁଙ୍କ ପତ୍ନୀଙ୍କୁ ଏକ ମୁଦି, ବ୍ରେସ୍‌ଲେଟ୍, ହାର ଏବଂ କାନଫୁଲ ସମେତ ଏକ ଅଳଙ୍କାର ସେଟ୍ ଉପହାର ଦେଇଥିଲେ । ଏହି ସବୁ ଉପହାରକୁ ସରକାରୀ ତୋଷଖାନାରେ ରଖିବା ପରିବର୍ତ୍ତେ ଇମ୍ରାନ୍ ଖାଁ ଓ ତାଙ୍କ ପତ୍ନୀ ନିଜ ପାଖରେ ରଖିଥିଲେ ।

ସେଠାକାର ଡେପୁଟି ମିଲିଟାରୀ ସଚିବ ଏହି ବିଷୟରେ ଅଦାଲତକୁ ଅବଗତ କରାଇଛନ୍ତି । ଗୁରୁବାର ଏକ ସ୍ୱତନ୍ତ୍ର ଅଦାଲତ ଇମ୍ରାନ୍ ଖାଁ ଏବଂ ବୁସରା ବିବିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାମଲାର ଶୁଣାଣି ସମୟରେ ଉଭୟ ଇମ୍ରାନ୍ ବୁସରା ବିବି ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଇମ୍ରାନ୍ ଖାଁ ଏକାଧିକ ମାମଲାରେ ଅଭିଯୁକ୍ତ ଥିବା ବେଳେ ରାଓ୍ୱଲ୍‌ପିଣ୍ଡିର ଆଦିଆଲା ଜେଲ୍‌ରେ ଦଣ୍ଡ ଭୋଗୁଛନ୍ତି ।

## ହକି

ଓମାନର ମସ୍କଟ ଠାରେ ଚାଲିଥିବା ମହିଳା ଜୁନିୟର୍ ଏସିଆକପ୍ ହକିର ପୁଲ୍-ଏର ଚତୁର୍ଥ ମ୍ୟାଚ୍‌ରେ ଭାରତ ୯-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ସେମିଫାଇନାଲ୍‌ରେ ପ୍ରବେଶ

କରିଛି । ଅନ୍ୟ ପକ୍ଷରେ ଚିଲିରେ ହେବାକୁ ଥିବା ଏଫ୍.ଆଇ.ଏଚ୍. ଜୁନିୟର୍ ବିଶ୍ୱକପ୍ ୨୦୨୫ରେ ମଧ୍ୟ ଭାରତ ସ୍ଥାନ ସୁନିଶ୍ଚିତ କରିଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଉପଅଧିନାୟକ ସାକ୍ଷୀ ରାଣାଙ୍କ ସହାୟତାରେ ଅଧିନାୟକ ଜ୍ୟୋତି ସିଂହ ପ୍ରଥମ ଗୋଲ୍ କରିଥିଲେ । ଭାରତ ପକ୍ଷରୁ ଦୀପିକା ୪ଟି ଗୋଲ୍ କରିଥିବା ବେଳେ କନିକା ସିୱାଚ୍ ହ୍ୟାଟ୍ରିକ୍ କରିଥିଲେ । ଆସନ୍ତାକାଲି ସେମିଫାଇନାଲ୍‌ରେ ଭାରତ ଓ ଜାପାନ ମଧ୍ୟରେ ମୁକାବିଲା ହେବ ।

## ବ୍ୟାଡ୍‌ମିଣ୍ଟନ

ବ୍ୟାଡ୍‌ମିଣ୍ଟନ୍‌ରେ ଭାରତୀୟ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଜାପାନର ନାମି ମାସୁୟାମା ଏବଂ ଚିହାରୁ ଶିଦାଙ୍କ ସହ ଆଜି ମୁକାବିଲା କରିବେ । ମହିଳା ଡବଲ୍ସର ତୃତୀୟ ଗ୍ରୁପ୍ ପର୍ଯ୍ୟାୟରେ ହାଙ୍ଗ୍‌ଜୌ ଠାରେ ଏହି ମ୍ୟାଚ୍ ଖେଳାଯିବ । ଗତକାଲି ଏହି ଭାରତୀୟ ଯୋଡ଼ି ଦ୍ୱିତୀୟ ପର୍ଯ୍ୟାୟ ଗ୍ରୁପ୍ ମ୍ୟାଚ୍‌ରେ ମାଲେସିଆର ପର୍ଲି ଟାନ୍ ଏବଂ ଥିନାହା ମୁରଲୀଧରନ୍‌ଙ୍କ ଯୋଡ଼ିକୁ ୨୧-୧୯, ୨୧-୧୯ରେ ପରାସ୍ତ କରିଥିଲେ ।

ଏହି ପ୍ରତିଯୋଗିତାରେ ତ୍ରିସା ଏବଂ ଗାୟତ୍ରୀ ଭାରତର ଏକମାତ୍ର ପ୍ରତିନିଧି ଭାବେ ଖେଳୁଛନ୍ତି । ନିକଟରେ ସେମାନେ ସୟଦ ମୋଦୀ ଆନ୍ତର୍ଜାତିକ ଟାଇଟଲ ଜିତିଥିଲେ ।